بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୬ ଅଗଷ୍ଟ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ବନୁ ମୁସ୍ତଲିକ୍ ଯୁଦ୍ଧ ପରିପ୍ରେକ୍ଷୀରେ ଉଫଂକ୍ ଘଟଣାର ବିସ୍ତୃତ ବ୍ୟାଖ୍ୟା ଏବଂ ବଙ୍ଗଳାଦେଶ ଓ ପାକିସ୍ତାନର ଅହେମଦି ତଥା ମୁସଲମାନ ସମ୍ପ୍ରଦାୟ ପାଇଁ ଦୁଆ କରିବାକୁ ପ୍ରିୟ ହୁଜୁର ଅନଓ୍ୱର ଅ.ବଙ୍କର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ବିଗତ କିଛି ଖୁତ୍‌ବାରୁ ମୁଁ ବନୁ ମୁସ୍ତଲିକ୍ ଯୁଦ୍ଧର ଘଟଣା ସଂକ୍ରାନ୍ତରେ ଚର୍ଚ୍ଚା କରି ଆସୁଛି । ଯାହାର ବିସ୍ତୃତ ବ୍ୟାଖ୍ୟାରେ ଏହା ଉଲ୍ଲେଖ ରହିଛି ଯେ, ବନୁ ମୁସ୍ତଲିକ୍ ଅଂଚଳରୁ ପ୍ରତ୍ୟାବର୍ତ୍ତନ କରି ଆସୁଥିବା ସମୟରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଯେତେବେଳେ ନକୀ ଅଞ୍ଚଳ ଅତିକ୍ରମ କରୁଥିଲେ, ସେଠାରେ ଆପଣ ବିସ୍ତିର୍ଣ୍ଣ ଚାରଣ ଭୂମି ଓ ଅନେକ ପୁଷ୍କରିଣୀ ଦେଖିଲେ । ସେଗୁଡ଼ିକ ପ୍ରସଙ୍ଗରେ ହୁଜୁରସ.ଅ ପଚାରିବାରୁ (ସାହାବା) ଉତ୍ତର ଦେଲେ, ଗ୍ରୀଷ୍ମ କାଳରେ ଏହି ପୁଷ୍କରିଣୀ ଗୁଡ଼ିକର ଜଳସ୍ତରେ ହ୍ରାସ ଘଟିଥାଏ । ହୁଜୁରସ.ଅ ହଜରତ ହାତିବ୍ ବିନ୍ ଅବି ବଲତା ର.ଅଙ୍କୁ ସେଠାରେ କୂପ ଖୋଦନ ଓ ଉକ୍ତ ଅଞ୍ଚଳକୁ (ପଶୁମାନଙ୍କ) ଚାରଣ ଭୂମି କରିବାକୁ ଆଦେଶ ଦେଲେ ଏବଂ ହଜରତ ବିଲାଲ୍ ବିନ୍ ହାରିସ୍ ମଜ୍‌ନୀ ର.ଅଙ୍କୁ ତାଙ୍କର ତତ୍ତ୍ୱାବଧାରକ ମୁତୟନ କଲେ । ହୁଜୁରସ.ଅ ତାଙ୍କୁ କହିଲେ; ଫଜର୍ (ପାହାନ୍ତିଆ) ସମୟରେ ଜଣେ ବ୍ୟକ୍ତିକୁ ଏକ ପର୍ବତ ଉପରେ ଛିଡ଼ା କର ଏବଂ ଯେପର୍ଯ୍ୟନ୍ତ ତାହାର ସ୍ୱର ପହଞ୍ଚିବ ସେପର୍ଯ୍ୟନ୍ତ ମୁସଲମାନମାନଙ୍କର ଯୁଦ୍ଧପ୍ରବୀଣ ଓଟ ଓ ଅଶ୍ୱଗୁଡ଼ିକ ପାଇଁ ଚାରଣ ଭୂମି ନିର୍ଦ୍ଧାରିତ କର । ସେଥିରେ ହୁଜୁରସ.ଅ ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକମାନଙ୍କ ଛେଳିମେଣ୍ଢାକୁ ଚରାଇବାକୁ ମଧ୍ୟ ଅନୁମତି ପ୍ରଦାନ କରିଦେଲେ । ଏପରି ଉକ୍ତ ଚାରଣ ଭୂମିଟି ହଜରତ ଅବୁବକର୍ର.ଅ, ହଜରତ ଉମର୍ର.ଅ, ହଜରତ ଉସମାନ୍ ର.ଅଙ୍କ ଖିଲାଫତ୍ କାଳ ପର୍ଯ୍ୟନ୍ତ (ମୁସଲମାନମାନଙ୍କ ଚାରଣ ଭୂମି ରୂପେ) ଅପରିବର୍ତ୍ତିତ ରହିଥିଲା । ପରବର୍ତ୍ତୀ ସମୟରେ ଓଟ ଓ ଘୋଡ଼ାମାନଙ୍କ ସଂଖ୍ୟାବୃଦ୍ଧି ଯୋଗୁଁ ତାହାକୁ ସ୍ଥାନାନ୍ତରିତ କରି ଦିଆଯାଇଥିଲା ।

ହଜରତ ମୁହମ୍ମଦସ.ଅ ସାହାବାମାନଙ୍କୁ ସର୍ବଦା ସଜାଗ, ସତର୍କ ଓ ସକ୍ରିୟ ରଖିବା ପ୍ରତି ବିଶେଷ ଗୁରୁତ୍ୱ ଦେଉଥିଲେ । ତେଣୁ ମଝିରେ ମଝିରେ ସେମାନଙ୍କ ମଧ୍ୟରେ ଖେଳକୁଦର ଏପରି ପ୍ରତିଯୋଗୀତା କରୁଥିଲେ ଯେଉଁଥିରେ ବିଶ୍ୱାସ,  ବୀରତା, ସାହାସିକତା ପ୍ରଦର୍ଶନ କରିବା ଓ ପାରସ୍ପରିକ ପ୍ରତିଦ୍ୱନ୍ଦିତାକୁ ପ୍ରାଧାନ୍ୟ ଦିଆ ଯାଉଥିଲା । ସୁତରାଂ ବନୁ ମୁସ୍ତଲିକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ନକୀ ଅଞ୍ଚଳରେ ଆପଣସ.ଅ ସାହାବାମାନଙ୍କ ମଧ୍ୟରେ ଘୋଡ଼ା ଓ ଓଟ ଦୌଡ଼ର ମୁକାବିଲା ମଧ୍ୟ କରାଇଲେ । ଉକ୍ତ ପ୍ରତିଯୋଗୀତାରେ ହୁଜୁର ସ.ଅଙ୍କର ଓଟ କସ୍‌ଓ୍ୱା ସମସ୍ତ ଓଟକୁ ପଛରେ ଛାଡ଼ି ପ୍ରଥମ ହୋଇଥିଲା ଏବଂ ଆପଣ ସ.ଅଙ୍କର ଘୋଡ଼ା ଜରବ୍ ମଧ୍ୟ ସମସ୍ତ ଘୋଡ଼ା ଠାରୁ ଆଗରେ ପହଞ୍ଚିଲା । ସେହିସ୍ଥଳେ ଆପଣସ.ଅ ସ୍ୱୟଂ ହଜରତ ଆଏଶା ର.ଅଙ୍କ ସହିତ ମଧ୍ୟ ଦୌଡ଼ ପ୍ରତିଯୋଗୀତା କରିଥିଲେ ଏବଂ ସେଥିରେ ଆପଣସ.ଅ ତାଙ୍କ ଠାରୁ ଆଗରେ ରହିଥିଲେ । ସେଥିଅନ୍ତେ ଆପଣସ.ଅ ତାଙ୍କୁ କହିଲେ; ଏହା ପୂର୍ବ ଥରର ପ୍ରତିବଦଳ ଯେତେବେଳେ ତୁମେ ମୋ ଠାରୁ ଜିତି ଯାଇଥିଲ । ଏହି ଉକ୍ତିରେ ଆପଣ ବିଗତରେ ଘଟିଥିବା ଏକ ଘଟଣା ପ୍ରତି ଇଙ୍ଗିତ କରିଥିଲେ ଯେତେବେଳେ ଆପଣସ.ଅ ହଜରତ ଅବୁବକର ର.ଅଙ୍କ ଘରକୁ ଯାଇଥିଲେ ଏବଂ ସେଠାରେ ଆପଣସ.ଅ ହଜରତ ଆଏଶା ର.ଅଙ୍କ ହସ୍ତରେ କୌଣସି ଏକ ବସ୍ତୁ ଦେଖିଲେ । ଆଉ ଯେତେବେଳେ ତାହା ତାଙ୍କୁ ମାଗିଲେ ସେ ତାହା ଦେବାକୁ

ମନା କରିଦେଇ ଓ ସେଠାରୁ ଦୌଡ଼ି ପଳାଇଲେ । ହୁଜୁର[ସ.ଅ] ମଧ୍ୟ ତାଙ୍କ ପିଛା କଲେ କିନ୍ତୁ ତାଙ୍କୁ ଧରି ପାରିଲେ ନାହିଁ, ସେ ବେଶ ଆଗକୁ ଚାଲି ଯାଇଥିଲେ । ଏସବୁ କଥା ହୁଜୁର[ସ.ଅ] ନିଜ ଦାମ୍ପତ୍ୟ ଜୀବନକୁ ପ୍ରୀତିକର, ସୌହାର୍ଦ୍ଦ୍ୟମୟ ଓ ସାବଲୀଳ କରିବା ପାଇଁ କରୁଥିଲେ । ପ୍ରତ୍ୟେକ କାର୍ଯ୍ୟରେ ଆପଣ[ସ.ଅ] ଆମମାନଙ୍କ ସମ୍ମୁଖରେ ନିଜର ଉତ୍ତମ ନମୁନା ଛାଡ଼ି ଯାଇଛନ୍ତି । **ଏହା ସେହି ଲୋକମାନଙ୍କ ସକାଶେ ମଧ୍ୟ ଅନୁକରଣ ଯୋଗ୍ୟ ଯେଉଁମାନେ ନିଜ ପତ୍ନୀମାନଙ୍କ ଉପରେ କଠୋରତା ପ୍ରଦର୍ଶନ କରିଥାନ୍ତି ଏବଂ ଆଜିକାଲିର ଲୋକମାନଙ୍କ ପାଇଁ ମଧ୍ୟ ଅନୁକରଣ ଯୋଗ୍ୟ ନମୁନା ।** ମହିଳାମାନଙ୍କ ସହିତ ଏପରି ସୁନ୍ଦର ଆଚରଣ ପ୍ରଦର୍ଶନ କରିବା ଇସଲାମ (ଧର୍ମ) ଶିଖାଇଛି । ଯାହାର ନମୁନା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସ୍ଥାପନ କରିଛନ୍ତି ।

ଏହି ଅଭିଯାନରେ ଉଫକ୍ ଘଟଣାର ଚର୍ଚ୍ଚା ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ଏହାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ବନୁ ମୁସ୍ତଲିକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରି ଆସୁଥିବା ସମୟରେ କପଟବିଶ୍ୱାସୀମାନେ ଆଉ ଏକ ବିଦ୍ରୋହାତ୍ମକ ଘଟଣାର ଜାଲ ବୁଣିଥିଲେ ଏବଂ ତାହା ବିଶ୍ୱାସକାରୀଙ୍କ ମାତା ହଜରତ ଆଏଶା [ର.ଅ]ଙ୍କ ଉପରେ ଲାଂଛନା ଲଗାଇବା ଘଟଣା ଥିଲା ।

ସହି ବୁଖାରୀର ବର୍ଣ୍ଣନାନୁଯାୟୀ ହଜରତ ଆଏଶା[ର.ଅ] ଉଫକ୍ ଘଟଣାର ବିସ୍ତୃତ ବ୍ୟାଖ୍ୟା କରି କୁହନ୍ତି; ହଜରତ ମୁହମ୍ମଦ[ସ.ଅ] ଯେତେବେଳେ କୌଣସି ଯାତ୍ରା କରିବାକୁ ମନସ୍ଥ କରନ୍ତି ସେତେବେଳେ ନିଜ ପତ୍ନୀମାନଙ୍କ ମଧ୍ୟରେ ଗୋଳା ପକାନ୍ତି ଏବଂ ସେଥିରେ ଯାହାର ନାମ ବାହାରେ, ତାଙ୍କୁ ନିଜ ସାଥିରେ ନେଇଯାନ୍ତି । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି; ଏହି ଯୁଦ୍ଧ ଅଭିମୁଖେ ପ୍ରସ୍ଥାନ କରିବା ପୂର୍ବରୁ ମଧ୍ୟ ହୁଜୁର[ସ.ଅ] ଆମମାନଙ୍କ ମଧ୍ୟରେ ଗୋଳା ପକାଇଲେ ଏବଂ ସେଥିରେ ମୋର ନାମ ବାହାରିଲା । ଅତଏବ ମୁଁ ଆପଣ[ସ.ଅ] ସାଥିରେ ବାହାରିଗଲି, ସେତେବେଳେ ପରଦା କରିବାର ଦୈବୀବାଣୀ ଅବତୀର୍ଣ୍ଣ ହୋଇ ଯାଇଥିଲା । ଯାତ୍ରା ସମୟରେ ମୁଁ ପାଲିଙ୍କିରେ ବସିବା ପରେ ଲୋକମାନେ ତାହାକୁ ଉଠାଇ ଓଟ ଉପରେ ରଖି ଦେଉଥିଲେ । ଆଉ ଯେଉଁସ୍ଥଳେ ଆମେ ଅବସ୍ଥାନ କରୁଥିଲୁ, ସେଠାରେ ସେମାନେ ତାହାକୁ ଓହ୍ଲାଇ ତଳେ ରଖି ଦେଉଥିଲେ । ଉକ୍ତ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ସମୟରେ ଆମେ ପ୍ରାୟ ମଦିନା ନିକଟବର୍ତ୍ତୀ ଥିଲୁ ଯେ, ରାତି (ହୋଇଯିବା) ଯୋଗୁଁ ହୁଜୁର[ସ.ଅ] ପ୍ରସ୍ଥାନ କରିବାର ଆଦେଶ ଦେଲେ । ମୁଁ ଶୌଚ ହେବାକୁ ଚାଲିଗଲି ଏବଂ ଯେତେବେଳେ ନିଜ ପାଲିଙ୍କି ନିକଟକୁ ଫେରି ଆସୁଥିଲି ସେତେବେଳେ ନିଜ ଛାତିକୁ ସ୍ପର୍ଶ କରିବାକୁ ଜାଣିବାକୁ ପାଇଲି ଯେ, ମୋର ଅଯ୍ଫାର୍ (ଏକ ପ୍ରକାର ଆଭୁଷଣ) କେଉଁସ୍ଥଳେ ଛିଣ୍ଡି ପଡ଼ିଛି । ବସ୍ତୁତଃ ମୁଁ ତାହାର ଅନ୍ୱେଷଣ ଉଦ୍ଦେଶ୍ୟରେ ପଛକୁ ଫେରିଗଲି, ସେହି ଲୋକମାନେ ଯେ ମୋ ପାଲିଙ୍କିକୁ ଉଠାଇବା ଦାୟିତ୍ୱରେ ମୁତୟନ ଥିଲେ ସେମାନେ ମୋ ପାଲିଙ୍କି ଉଠାଇ ଓଟ ଉପରେ ରଖିଦେଲେ । ସେତେବେଳେ ସେମାନେ ଭାବିଲେ ଯେ, ମୁଁ ପାଲିଙ୍କି ଭିତରେ ହିଁ ଅଛି । ଏପରି ସେମାନେ ସେଠାରୁ ବାହାରି ପଡ଼ିଲେ । କିଛିକ୍ଷଣ ପରେ ମୁଁ ନିଜ ହାରକୁ ଲଭି ନେଲି ଓ ଯେତେବେଳେ ମୁଁ ଆମ ଅଟକି ଥିବା ସ୍ଥାନକୁ ଫେରି ଆସିଲି, କ'ଣ ଦେଖେ କି ସେଠାରେ କେହି ନାହାନ୍ତି, ସମସ୍ତେ ଚାଲି ଯାଇଥିଲେ । ଅତଃ ମୁଁ ନିଜ ସ୍ଥାନକୁ ଚାଲିଗଲି ଯେଉଁସ୍ଥଳେ ମୋର ପାଲିଙ୍କି ରଖା ଯାଇଥିଲା ଏବଂ ଚିନ୍ତା କଲି ଯେ, ଯେତେବେଳେ ସେମାନେ ମୋତେ ପାଲିଙ୍କିରେ ଅନୁପସ୍ଥିତ ପାଇବେ ମୋ ନିକଟକୁ ଫେରି ଆସିବେ । ଇତି ମଧ୍ୟରେ ମୋର ଆଖି ଲାଗିଗଲା ଏବଂ ମୁଁ ଶୋଇ ପଡ଼ିଲି ।

ଏହି ଅଭିଯାନରେ ହଜରତ ସଫଓ୍ୱାନ୍ ବିନ୍ ମୌତଲ୍ [ର.ଅ]ଙ୍କର ଡ଼ିଉଟି ଲଗା ଯାଇଥିଲା କି ସେ ସେନା ପଛରେ ପଡ଼ି ଯାଇଥିବା ଅବା ଭୁଲି ଛାଡ଼ି ଆସିଥିବା ବସ୍ତୁ ଉଠାଇ ଆଣିବେ । ସକାଳେ ଯେତେବେଳେ ସେ ମୋ ସ୍ଥାନରେ ପହଞ୍ଚିଲେ, ସେ ମୋତେ ଚିହ୍ନି ନେଲେ । କାରଣ ପରଦା କରିବା ଆଦେଶ ଅବତୀର୍ଣ୍ଣ ହେବା ପୂର୍ବରୁ ସେ ମୋତେ ଦେଖିଥିଲେ । ଆଉ ମୋତେ ଦେଖି ସେ ଇନ୍ନା ଲିଲ୍ଲାଃ ପାଠ କଲେ, ତାଙ୍କ ସ୍ୱର ଶୁଣି ମୁଁ ଉଠି ପଡ଼ିଲି ଏବଂ ସଙ୍ଗେସଙ୍ଗେ ମୁଁ ନିଜ ମୁଖ ଚଦରରେ ଢ଼ାଙ୍କି ନେଲି । ଅଲ୍ଲାଃଙ୍କ ରାଣ ! ଆମେ ଗୋଟିଏ ପଦ ମଧ୍ୟ କଥା ହେଲୁ ନାହିଁ । ମୁଁ ତାଙ୍କ ଓଟ ଉପରେ ଆରୋହଣ କଲି ଏବଂ ଆମେ ଭୀଷଣ ଗ୍ରୀଷ୍ମତାପରେ ଠିକ୍ ମଧ୍ୟାନ ସମୟରେ ଗୋଟିଏ ସ୍ଥାନରେ ଯେଉଁଠି ଆମ ସେନା ବାହିନୀ ଅବସ୍ଥାନ କରିଥିଲା, ତାଙ୍କ ସହିତ ମିଳିତ ହୋଇଗଲୁ । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ଧ୍ୱଂସ

ହୋଇଗଲା ସେହି ବ୍ୟକ୍ତି ଯେ ଲାଂଛନା ଲଗାଇବାରୁ ବଡ଼ ଭାଗ ନେଲା । ଆଉ ସେ ଅବ୍ଦୁଲ୍ଲାଃ ବିନ ଅବି ସୁଲୁଲ୍ ଥିଲା ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ମଦିନାରେ ପହଞ୍ଚିବା ପରେ ମୁଁ ବ୍ୟାଧିରେ ଆକ୍ରାନ୍ତ ହୋଇଗଲି ଏବଂ ମୋତେ ଏହି ଲାଂଛନାର ତୀଳେ ମାତ୍ର ଆଭାଷ ମିଳିଲା ନାହିଁ । ରୋଗାକ୍ରାନ୍ତ ସମୟରେ ମୁଁ ଅଶାନ୍ତ ଓ ଭାରାକ୍ରାନ୍ତ ଏଥିଯୋଗୁଁ ଥିଲି ଯେ, ହୁଜୁର [ସ.ଅ]ଙ୍କ ଠାରୁ ସେପରି ସ୍ନେହଆଦର (ଆଚରଣ) ପରିଲକ୍ଷିତ କରୁ ନଥିଲି ଯେପରି ପୂର୍ବରୁ ମୁଁ ଆପଣ [ସ.ଅ]ଙ୍କ ଠାରୁ ପାଉଥିଲି । ହଜରତ ମୁହମ୍ମଦ[ସ.ଅ] ମୋ ପାଖକୁ ଆସନ୍ତି ଏବଂ ସଲାମ୍ କରି ମୋର ଦେହାବସ୍ଥା ପଚାରନ୍ତି, ତା'ପରେ ଚାଲିଯାନ୍ତି । ଏହି କଥା ମୋତେ ଘାରୁଥିଲା ଏବଂ ମୁଁ ଭୀଷଣ କ୍ଲେଶ ଓ ବ୍ୟାକୁଳ (ଅବସ୍ଥାରେ ପତିତ) ଥିଲି ।

ଏକଦା ମୁଁ ଉମ୍ମେ ମୁସ୍ତା ସହିତ ବାହାରକୁ ବାହାରିଲି ସେତେବେଳେ ମୋତେ ଲାଂଛନାକାରୀଙ୍କ ସଂକ୍ରାନ୍ତରେ ଜ୍ଞାତ ହେଲା । ମୁଁ ନିଜ ଘରକୁ ଫେରି ଆସିଲି, ହୁଜୁର[ସ.ଅ] ମୋ ନିକଟକୁ ଆସିଲେ । ମୁଁ ହୁଜୁର [ସ.ଅ]ଙ୍କ ଠାରୁ ନିଜ ବାପ ଘରକୁ ଯିବା ପାଇଁ ଅନୁମତି ମାଗିଲି । ଆପଣ[ସ.ଅ] ମୋତେ ଅନୁମତି ପ୍ରଦାନ କରିଦେଲେ ଏବଂ ମୁଁ ନିଜ ବାପଘରକୁ ଚାଲିଗଲି । ସେଠାରେ ମୁଁ ନିଜ ମାତାଙ୍କୁ ପଚାରିଲି ଲୋକମାନେ ଏସବୁ କି ପ୍ରକାର ଟାହି ଟାପରା କରୁଛନ୍ତି ? ସେ ମୋତେ କହିଲେ ଧୈର୍ଯ୍ୟ ରଖ ଝିଅ । ମୋ ସ୍ୱର ଶୁଣିବାରୁ ମୋ ପିତା ହଜରତ ଅବୁବକର[ର.ଅ] କହିଲେ; ହେ ମୋର ପ୍ରିୟ ପୁତ୍ରୀ ! ମୁଁ ତୁମକୁ ରାଣ ଦେଉଛି, ତୁମେ ନିଜ ଘରକୁ ଫେରିଯାଅ । ଅତଏବ ମୁଁ ନିଜ ଘରକୁ ଚାଲି ଆସିଲି । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି; **ମୁଁ ସାରା ରାତି ରୋଦନ କରି ଅତିବାହିତ କଲି, ଏପରିକି ପ୍ରଭାତ ହୋଇଗଲା ।** ସେଦିନ ହୁଜୁର[ସ.ଅ] ମୋ ସହିତ ସମ୍ପର୍କ ଭଙ୍ଗ କରିବା ଉଦ୍ଦେଶ୍ୟରେ ହଜରତ ଅଲୀ ବିନ୍ ଅବୁ ତାଲିବ୍ ଓ ହଜରତ ଉସାମା ବିନ୍ ଜୈଦ୍ [ର.ଅ]ଙ୍କୁ ଡ଼ାକି ପରାମର୍ଶ କଲେ । ହଜରତ ଉସାମା କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ସେ ଆପଣଙ୍କ ପବିତ୍ର ଧର୍ମପତ୍ନୀ ଏବଂ ଆମେ ତ (ଏଯାବତ୍) ତାଙ୍କ ଠାରେ ଭଦ୍ରତା ବ୍ୟତୀତ ଅନ୍ୟ କିଛି ଲକ୍ଷ କରି ନାହୁଁ । ଏସବୁ ମିଥ୍ୟା ଓ ଭିତ୍ତିହୀନ ଗୁଜବ । ହଜରତ ଅଲୀ[ର.ଅ] କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଅଲ୍ଲାଃତାଲା ଆପଣଙ୍କ ସକାଶେ କୌଣସି ପ୍ରକାରର ଅଭାବ ରଖି ନାହାନ୍ତି ଏବଂ ତାଙ୍କ ବ୍ୟତୀତ ଅନେକ ମହିଳା (ଆପଣଙ୍କ ଯୋଗ୍ୟ) ଅଛନ୍ତି । ଆପଣ[ସ.ଅ] ନିଜ ଦାସୀଙ୍କୁ ତାଙ୍କ ସଂକ୍ରାନ୍ତରେ ପଚାରନ୍ତୁ ସେ ସତ କଥା କହିବେ । ଅତଃ ହୁଜୁର[ସ.ଅ] ନିଜ ଦାସୀଙ୍କୁ ଡ଼ାକି ପଚାରିବାରୁ ସେ କହିଲେ; ପ୍ରଭୁଙ୍କ ରାଣ ! ମୁଁ ତାଙ୍କ ଠାରେ କଦାପି ଏପରି କୌଣସି (ଅଶୋଭନୀୟ) କଥା ଦେଖି ନାହିଁ, ଯାହାକୁ ମୁଁ କଳଙ୍କିତ ମଣୁଥିବି ।

ସେହିଦିନ ହୁଜୁର[ସ.ଅ] ମଞ୍ଚ ଉପରେ ଚଢ଼ି ଅବ୍ଦୁଲ୍ଲାଃ ବିନ୍ ଅବି ଉପରେ (ଅତିଷ୍ଟ ହେବାର) କ୍ଷୋଭ ପ୍ରକାଶ କରି କହିଲେ; ହେ ମୁସଲମାନମାନଙ୍କ ଜମାଅତ ! କିଏ ମୋତେ ସେହି ବ୍ୟକ୍ତି କବଳରୁ ରକ୍ଷା କରିବ ଯାହା ଦ୍ୱାରା ମୋତେ ମୋର ଅନ୍ତଃବାସୀଙ୍କ ମାଧ୍ୟମରେ କଷ୍ଟ ପହଞ୍ଚା ଯାଉଛି ? ଅଲ୍ଲାଃଙ୍କ ରାଣ ! ମୁଁ ନିଜ ପରିବାରବର୍ଗଙ୍କ ସମ୍ପର୍କରେ ଭଦ୍ରତା ବ୍ୟତୀତ ଅନ୍ୟ କିଛି ଜାଣି ନାହିଁ । ହଜରତ ସାଦ୍ ବିନ୍ ମାଜ୍[ର.ଅ] କହିଲେ; ମୁଁ ଆପଣଙ୍କୁ ରକ୍ଷା କରିବି । ଯଦି ସେହି ବ୍ୟକ୍ତି ଜଣକ ଆମ କବିଲା ଅଓ୍ୱସ୍‌ରୁ ହୋଇଥାଏ ତେବେ ମୁଁ ତାହାର ଶିର ଛେଦ କରିଦେବି । ଆଉ ଯଦି ସେ ଖଜରଜ୍ କବିଲାର ହୋଇଥାଏ ତେବେ ଯେପରି ଆପଣ ଆଦେଶ ଦେବେ ଆମେ ସେହିପରି କରିବା ପାଇଁ ପ୍ରସ୍ତୁତ ଅଛୁ । ଖଜରଜ୍ କବିଲାର ଧନାଢ଼୍ୟ ବ୍ୟକ୍ତି ସାଦ୍ ବିନ୍ ଅବାଦାଃ[ର.ଅ] ଛିଡ଼ା ହେଲେ ଏବଂ ସାଦ୍ ବିନ୍ ମାଜ୍ [ର.ଅ]ଙ୍କୁ କହିଲେ; ତୁମେ ଅସତ୍ୟ କହୁଛ । ପ୍ରଭୁଙ୍କ ରାଣ ! ତୁମେ ଆମ କବିଲା (ଦଳ)ର କୌଣସି ବ୍ୟକ୍ତିକୁ ହେଲେ ହତ୍ୟା କରିପାରିବ ନାହିଁ । ଏଥିରେ ଅଓ୍ୱସ୍ ଓ ଖଜରଜ୍ କବିଲାର ଲୋକମାନେ ଉତ୍ୟକ୍ତ ହୋଇ ଉଠିଲେ ଏବଂ ଉଭୟ ଦଳ ମଧ୍ୟରେ ମୁହାଁମୁହିଁ ହୋଇଯିବା ଆସନ୍ନ ପ୍ରାୟ ଥିଲା । କିନ୍ତୁ ହୁଜୁର[ସ.ଅ] ସେମାନଙ୍କୁ ବୁଝାସୁଝା କରି ଶାନ୍ତ କଲେ । ଅତଃ ସେମାନେ ନିରବତାର ସହିତ ସେଠାରୁ ଚାଲିଗଲେ ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି; ମୋର ଲୁହ ବହିବା ଥମୁ ନଥିଲା ଏବଂ ମୋ ନିଦ ହରାମ୍ ହୋଇଗଲା । ଏହି ଅବସ୍ଥାରେ ନବୀଶିରୋମଣି ହଜରତ ମୁହମ୍ମଦ[ସ.ଅ] ମୋ ନିକଟକୁ ଆସିଲେ, ତଶହୁଦ୍ ପାଠ କଲେ । ସେଥିଅନ୍ତେ କହିଲେ; ହେ ଆଏଶା ! ଦେଖ ତୁମ ସମ୍ବନ୍ଧରେ ମୋତେ ଏପରି (ନିନ୍ଦନୀୟ) କଥା ଶୁଣିବାକୁ ମିଳୁଛି । ଅତଃ ଯଦି ତୁମେ ନିର୍ଦୋଷ ତେବେ ମୋର ଆଶା ଐଶ୍ୱର୍ଯ୍ୟମୟ ପ୍ରଭୁ ନିଶ୍ଚିତ ରୂପେ ତୁମର ନିର୍ଦୋଷ ହେବା ସାବ୍ୟସ୍ତ କରିବେ । ଆଉ ଯଦି

ତୁମ ଦ୍ୱାରା କୌଣସି ତ୍ରୁଟିବିଚ୍ୟୁତ ହୋଇଛି ତେବେ ପରମେଶ୍ୱରଙ୍କ ଛାମୁରୁ କ୍ଷମା ଭିକ୍ଷା କର । କାରଣ ଯେତେବେଳେ ଭକ୍ତ କ୍ଷମା ଭିକ୍ଷା କରିଥାଏ ସେତେବେଳେ ଦୟାମୟ ପ୍ରଭୁ ତାହାର କରୁଣ ନିବେଦନ ସ୍ୱୀକାର କରିଥାନ୍ତି ଏବଂ ତାହା ଉପରେ ଦୟାବତୀର୍ଣ୍ଣ କରିଥାନ୍ତି । ଏହା ଶୁଣି ମୁଁ ନିଜ ପିତାମାତାଙ୍କୁ କହିଲି; ଆପଣ ଏହାର ଉତ୍ତର ଦିଅନ୍ତୁ । କିନ୍ତୁ ସେ ଦୁହେଁ କହିଲେ; ଆମେ କି ଉତ୍ତର ଦେବୁ । ସେତେବେଳେ ମୁଁ ହୁଜୁର [ସ.ଅ]ଙ୍କୁ କହିଲି; **ମୋତେ ନିଜ ମାମଲା ୟୁସୁଫ୍ [ର.ଅ]ଙ୍କ ପରି ଦୃଶ୍ୟମାନ ହେଉଅଛି ।** ଯେ କହିଥିଲେ; ଫସବ୍ରୁନ୍ ଜମିଲୁନ୍ ଓଲ୍ଲାହୁଲ୍ ମୁସ୍ତାଆନୁ ଅଲା ମା ତସୀଫୁନ୍ । ସୁତରାଂ ଧୈର୍ଯ୍ୟ ରକ୍ଷା କରିବା ବ୍ୟତୀରେକେ ମୁଁ ଆଉ କ'ଣ ବା କରିପାରିବି ଏବଂ ଅଲ୍ଲାଃଙ୍କ ନିକଟରୁ ହିଁ ଏହି ପ୍ରସଙ୍ଗରେ ସାହାଯ୍ୟ ଭିକ୍ଷା କରାଯାଇ ପାରେ, ଯାହା ତୁମ୍ଭେ ବୟାନ କରୁଅଛ । ଅତଃ ମୋ ପକ୍ଷେ ମଧ୍ୟ ଧୈର୍ଯ୍ୟ ରକ୍ଷା କରିବା ସର୍ବୋତ୍ତମ । ନିଶ୍ଚିତ ରୂପେ ଅଲ୍ଲାଃତାଲା ଶୀଘ୍ର ମୋତେ (ଏହି ଲାଂଛନାରୁ) ମୁକୁଳାଇବେ ।

ଏତାଦୃଶ ସେହିସ୍ଥଳୁ ହୁଜୁର[ସ.ଅ] ଉଠି ନଥିଲେ ଯେ, ଆପଣ [ସ.ଅ]ଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେବା ଆରମ୍ଭ ହେଲା ଏବଂ ଯେତେବେଳେ ସେହି ଅବସ୍ଥା ଅପସରିଗଲା ସେତେବେଳେ ଆପଣ ପ୍ରସନ୍ନ ଚିତ୍ତରେ କହିଲେ; **ହେ ଆଏଶା ! ପରାକ୍ରମୀ ଈଶ୍ୱର ତୁମର ନିର୍ଦ୍ଦୋଷ ହେବା ପ୍ରକାଶ କରିଦେଲେ ।**

ଯେତେବେଳେ ପରମାତ୍ମା ମୋତେ ସେହି ଲାଂଛନାରୁ ଖଲାସ କଲେ ସେତେବେଳେ ମୋ ପିତା ଗରିବ (ବ୍ୟକ୍ତି) ମୁସ୍ତା ବିନ୍ ଅସାସା'ର ଆସନ୍ତାରେ କୌଣସି ପ୍ରକାରର ସାହାଯ୍ୟ ନକରିବାର ପ୍ରତିଜ୍ଞା କଲେ । କିନ୍ତୁ ଅଲ୍ଲାଃତାଲା ଦୈବୀବାଣୀ କଲେ କି ଏପରି କରିବା ଶୋଭନୀୟ ନୁହେଁ । ଏଥିରେ ହଜରତ ଅବୁବକର[ର.ଅ] କହିଲେ; ଅଲ୍ଲାଃଙ୍କ ରାଣ ! ମୁଁ ଚାହୁଁଛି ଯେ, ଅଲ୍ଲାଃତାଲା ମୋ ଅପକର୍ମକୁ ଢ଼ାଙ୍କି ଦିଅନ୍ତୁ ଏବଂ ପ୍ରତିଜ୍ଞା କଲେ ଯେ, ମୁସ୍ତା ବିନ୍ ଅସାସା'ର ଓଜିଫା (ଭତ୍ତା) ମୁଁ କଦାପି ବନ୍ଦ କରିବି ନାହିଁ । ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ପୁନଶ୍ଚ ମୁଁ ଦୁଆ କରିବା ପ୍ରତି ଧ୍ୟାନ ଆକର୍ଷିତ କରୁଅଛି ।

ବଙ୍ଗଳାଦେଶର ଅହେମଦମାନଙ୍କ ପାଇଁ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ଅବସ୍ଥା ଶୀଘ୍ର ସାମାନ୍ୟ କରିଦିଅନ୍ତୁ । ପାକିସ୍ତାନର ଅହେମଦମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ଅବସ୍ଥାରେ ମଧ୍ୟ ଉନ୍ନତି ଆଣନ୍ତୁ । ଫିଲିସ୍ତିନ୍‌ର ଅତ୍ୟାଚାରିତ ଲୋକମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ଅବସ୍ଥା ଉପରେ ମଧ୍ୟ ଦୟାବତୀର୍ଣ୍ଣ କରନ୍ତୁ । ମୁସଲମାନ ଦେଶମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ନେତା ଓ ପ୍ରମୁଖମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଜନସାଧାରଣଙ୍କର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ସେମାନେ ଅତ୍ୟାଚାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନହୁଅନ୍ତୁ, କାରଣ ସେମାନଙ୍କ ଅନ୍ୟାୟ ଯୋଗୁଁ ହିଁ ଶତ୍ରୁକୁ ସାହାସ ମିଳୁଅଛି ଯେ, ମୁସଲମାନମାନଙ୍କ ଉପରେ ଅତ୍ୟାଚାର ଅବ୍ୟାହତ ରଖ । କାରଣ ସେମାନଙ୍କୁ ଜଣା ଅଛି ଯେ, ଏମାନେ ନିଜ ଲୋକମାନଙ୍କର ଅଧିକାର ହରଣ କରୁଛନ୍ତି । ତେବେ ଆମ ଠାରୁ ବା କିପରି ସେମାନେ ନିଜ ଅଧିକାର ଦାବି କରିପାରିବେ । ଅଲ୍ଲାଃତାଲା ମୁସଲମାନ ସମ୍ପ୍ରଦାୟ ଉପରେ ଦୟା କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।